# କନେଷ୍ଟବଳ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

ରାଜ୍ୟ ଆରକ୍ଷୀ ବିଭାଗରେ ନିମ୍ନଲିଖିତ ଦୁଇଟି ଇଣ୍ଡିଆ ରିଜର୍ଭ ବାଟାଲିୟନ୍‌ରେ ଖାଲିଥିବା ୧୩୫୦ଟି କନେଷ୍ଟବଳ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ନିଯୁକ୍ତି ପରୀକ୍ଷା ଉଭୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପାଇଁ ଏକ ସମୟରେ କରାଯିବ। ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପାଇଁ ହେବାକୁ ଥିବା କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗନେବାକୁ ଚାହୁଁଥିବା ପ୍ରାର୍ଥୀମାନେ କମାଣ୍ଡାଣ୍ଟ, ଓ.ଏସ୍.ଏ.ପି., ୨ୟ ବାଟାଲିୟନ୍, ଝାରସୁଗୁଡାଙ୍କୁ ଏବଂ ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପାଇଁ ହେବାକୁ ଥିବା କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗନେବାକୁ ଚାହୁଁଥିବା ପ୍ରାର୍ଥୀମାନେ କମାଣ୍ଡାଣ୍ଟ, ଓ.ଏସ୍.ଏ.ପି., ୩ୟ ବାଟାଲିୟନ୍, କୋରାପୁଟଙ୍କୁ ଆବେଦନ କରିବେ। ଦରଖାସ୍ତଗୁଡିକ ସମ୍ପୃକ୍ତ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟରେ ତା-୧-୧୦-୨୦୦୭ ରିଖ (ଅକ୍ଟୋବର ୧ ତାରିଖ ୨୦୦୭ ମସିହା) ସୁଦ୍ଧା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**୧. ଖାଲିଥିବା ପଦବୀ ସଂଖ୍ୟା**

| କ୍ରମିକ ସଂଖ୍ୟା | ବାଟାଲିୟନର ନାମ | ଖାଲିଥିବା ପଦବୀ ସଂଖ୍ୟା | | | | | |
|---|---|---|---|---|---|---|---|
| | | ଅନୁସୂଚିତ ଜାତି (SC) | ଅନୁସୂଚିତ ଉପଜାତି (ST) | ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ (SEBC) | ଅସଂରକ୍ଷିତ ବର୍ଗ (Un reserved) | ମୋଟ | ଅବସରପ୍ରାପ୍ତ ସାମରିକ କର୍ମଚାରୀ (Ex service Men) |
| ୧. | ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | ୧୧୦ | ୧୫୨ | ୭୫ | ୩୩୮ | ୬୭୫ | ୧୭ |
| ୨. | ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | ୧୧୦ | ୧୫୨ | ୭୫ | ୩୩୮ | ୬୭୫ | ୧୭ |
| | ମୋଟ | ୨୨୦ | ୩୦୪ | ୧୫୦ | ୬୭୬ | ୧୩୫୦ | ୩୪ |

ଉପରୋକ୍ତ ବାଟାଲିୟନ୍ ମାନଙ୍କରେ ଖାଲିଥିବା ମୋଟ ପଦବୀ ସଂଖ୍ୟା ମଧ୍ୟରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଓ କ୍ରୀଡାବିତ୍ ମାନଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ ଅନ୍ତର୍ଭୁକ୍ତ।

**୨. ଦରମା ହାର ଓ ଭତ୍ତା**

ଟ.୩୦୫୦-୭୫-୩୯୫୦-୮୦-୪୫୯୦/- ଓ ଏଥି ସହିତ ଅନ୍ୟାନ୍ୟ ଭତ୍ତା।

**୩. ପରୀକ୍ଷା ଫିସ**

କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି ବ୍ୟତୀତ) ଟ.୧୦.୦୦ (ଦଶଟଙ୍କା)ର ଟ୍ରେଜେରୀ ଚାଲାଣ **"0055-Police-103-Fees, Fines and Forfeiture Examination Fees" Head of Account** ରେ ପଇଠ କରିବେ କିମ୍ବା ଟ.୧୦.୦୦ (ଦଶଟଙ୍କା)ର ବ୍ୟାଙ୍କ୍ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ। ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପାଇଁ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗନେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର, କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୨ୟ ବାଟାଲିୟନ୍, ଝାରସୁଗୁଡାଙ୍କ ନାମରେ କରାଯାଇଥିବା ଆବଶ୍ୟକ ଓ ଏହା ଝାରସୁଗୁଡା ଠାରେ ଦେୟ ହେବା ଆବଶ୍ୟକ। ସେହିପରି ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପାଇଁ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗନେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର, କମାଣ୍ଡାଣ୍ଟ, ଓ.ଏସ୍.ଏ.ପି., ୩ୟ ବାଟାଲିୟନ୍, କୋରାପୁଟଙ୍କ ନାମରେ କରାଯାଇଥିବା ଆବଶ୍ୟକ ଓ ଏହା କୋରାପୁଟ ଠାରେ ଦେୟ ହେବା ଆବଶ୍ୟକ।

| କ୍ର.ସଂ. | ବାଟାଲିୟନର ନାମ | କାହାନାମରେ ଦେୟ ହେବ | କେଉଁଠାରେ ଦେୟ ହେବ |
|---|---|---|---|
| ୧. | ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | Commandant, OSAP 2nd Battalion | Jharsuguda |
| ୨. | ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | Commandant, OSAP 3rd Battalion | Koraput |

ଟ୍ରେଜେରୀ ଚାଲାଣ/ ବ୍ୟାଙ୍କ ଡ୍ରାଫ୍ଟ/ ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ୍ ପଡିବ ନାହିଁ।

**୪. ନାମ ପଞ୍ଜିକରଣ**

ପ୍ରାର୍ଥୀ ରାଜ୍ୟର ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ। ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ।

**୫. ବୟସ ସୀମା**

ପ୍ରାର୍ଥୀଙ୍କର ବୟସ ତା-୧.୧.୨୦୦୭ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୫ ବର୍ଷରୁ ଅଧିକ ହୋଇନଥିବ। ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତି ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ୩ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ। ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ସର୍ବୋଚ୍ଚ ବୟସସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ। ପ୍ରାର୍ଥୀ ଉପରୋକ୍ତ ସୁବିଧାଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ।

**୬. ଶିକ୍ଷାଗତ ଯୋଗ୍ୟତା**

ପ୍ରାର୍ଥୀ ଓଡିଶା ମାଧ୍ୟମିକ ଶିକ୍ଷାବୋର୍ଡ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ। ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ। ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ।

**୭. ଅନ୍ୟାନ୍ୟ ଯୋଗ୍ୟତା**

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନଥିବେ।

(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ବିକଳାଙ୍ଗ ହୋଇନଥିବେ।

**ବି.ଦ୍ର.** କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ନିମନ୍ତେ ଦାଖଲ କରିବେ। ଯେଉଁ ପ୍ରାର୍ଥୀ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ଏତଦ୍ ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board) ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ। ଏତଦ୍ ବ୍ୟତୀତ ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.45054/D&A dt.24.10.2006 ରେ ଉପଲବ୍ଧ ଅଟେ।

୮.  (କ)  **ଶାରୀରିକ ମାପ**

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ।

| କ୍ର.ସଂ. | ବର୍ଗ | ଉଚ୍ଚତା | ଓଜନ | ଛାତିମାପ | |
|---|---|---|---|---|---|
| | | | | ଅଣସଂପ୍ରସାରିତ | ସଂପ୍ରସାରିତ |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. |

(ଖ) ଶାରୀରିକ ଅକ୍ଷମ ବା ବିକଳାଙ୍ଗ ବ୍ୟକ୍ତି ଓ ମହିଳାମାନେ ଉପରୋକ୍ତ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ।

୯.  **ପରୀକ୍ଷା କେନ୍ଦ୍ର**

| **ବାଟାଲିୟନର ନାମ** | **ପରୀକ୍ଷା କେନ୍ଦ୍ର** |
|---|---|
| ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | ଓ.ଏସ୍.ଏ.ପି. ୨ୟ ବାଟାଲିୟନ ପରିସର, ଝାରସୁଗୁଡା |
| ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନ | ଓ.ଏସ୍.ଏ.ପି. ୩ୟ ବାଟାଲିୟନ ପରିସର, କୋରାପୁଟ |

୧୦.  **ଶାରୀରିକ ମାପ/ ଶାରୀରିକ ଦକ୍ଷତା ପରୀକ୍ଷା**

ପ୍ରାର୍ଥୀ ମନୋନୟନ ନିମନ୍ତେ ତା-୨୬-୧୦-୨୦୦୭ ରିଖ ସକାଳ ସାତଟା ଠାରୁ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତ୍ୟେକ ଯୋଗ୍ୟ ପ୍ରାର୍ଥୀ ପ୍ରଥମେ ଅନୁଚ୍ଛେଦ-୯ରେ ଦର୍ଶାଯାଇଥିବା ନିର୍ଦ୍ଧାରିତ ସ୍ଥାନମାନଙ୍କରେ ତା-୨୬-୧୦-୨୦୦୭ ରିଖ ସକାଳ ସାତଟା ସୁଦ୍ଧା ଉପସ୍ଥିତ ହେବେ। ପ୍ରାର୍ଥୀ ଅଧିକ ହେଲେ ଶାରୀରିକ ଦକ୍ଷତା ପରୀକ୍ଷା ଅଧିକ ଦିନ ଲାଗିପାରେ। ସେଥିପାଇଁ ପ୍ରାର୍ଥୀମାନେ ଅଧିକ ଦିନ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ। ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା ଜାଣିବା ପାଇଁ ସିଲେକ୍ସନ ବୋର୍ଡର ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୁଡାନ୍ତ ହେବ। ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା/ ପୁନଃ ପରୀକ୍ଷା କରାଯାଇପାରେ। ଏତଦ୍ ବ୍ୟତୀତ, ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ। ଏ ସମ୍ବନ୍ଧରେ ସଂପୃକ୍ତ ବାଟାଲିୟନର କମାଣ୍ଡାଣ୍ଟ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ।

(କ)  **ଶାରୀରିକ ମାପ (ଉଚ୍ଚତା)  -  ମୋଟ ନମ୍ବର ୨୫**

ପ୍ରାର୍ଥୀମାନଙ୍କର ଉଚ୍ଚତାକୁ ଭିତ୍ତିକରି ଦିଆଯିବ।

ଶାରୀରିକ ମାପ ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.45054/D&A dt.24.10.2006ରେ ଉପଲବ୍ଧ ଅଟେ।

(ଖ)  **ଶାରୀରିକ ଦକ୍ଷତା ପରୀକ୍ଷା**

ନିମ୍ନଲିଖିତ ବିଭାଗ (event) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ।

| | | | ସମୟ | ନମ୍ବର |
|---|---|---|---|---|
| (୧) | **ଦୌଡ** | ୧.୬ କି.ମି. | ୫ ମିନିଟ | ୧୫ |
| | | | ୬ ମିନିଟ | ୧୦ |
| | | | ୭ ମିନିଟ | ୭ |
| | | | ୮ ମିନିଟ | ୪ |

୮ ମିନିଟ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୨) **କ୍ରସ୍ କଣ୍ଟ୍ରି** ୫ କି.ମି. ୪୦ ମିନିଟ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)

୪୦ ମିନିଟ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୩) **ଉଚ୍ଚ ଡିଆଁ** ୧.୨୨ ମିଟର ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣକଲେ ୩ ନମ୍ବର

ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ ୨ ନମ୍ବର

ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ ୧ ନମ୍ବର

୩ଥରରେ ୧.୨୨ମିଟର ଉଚ୍ଚଡିଆଁ ଡେଇଁନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

**ଦ୍ରଷ୍ଟବ୍ୟ:**ଯେଉଁ ପ୍ରାର୍ଥୀ ପ୍ରଥମ ସୁଯୋଗରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ପାରିବେ, ତାଙ୍କୁ ପରବର୍ତ୍ତୀ ଉଚ୍ଚତର ଡିଆଁରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ। ଏହି ସୁଯୋଗ ସେ ପର୍ଯ୍ୟାୟକ୍ରମେ ନିମ୍ନଲିଖିତ ଉଚ୍ଚଡିଆଁ ପାଇଁ ଥରେ ମାତ୍ର ପାଇବେ। ସର୍ବୋଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ।

୧.୩୮ ମିଟର - ୬ ନମ୍ବର

୧.୫୦ ମିଟର - ୭ ନମ୍ବର

(୪) **ଲମ୍ବଡିଆଁ ୩.୬୬ ମିଟର** ୩.୬୬ ମିଟର ୧ ନମ୍ବର

୪.୦୦ ମିଟର ୩ ନମ୍ବର

୪.୩୫ ମିଟର ୫ ନମ୍ବର

୪.୫୦ ମିଟର ୬ ନମ୍ବର

( ୩ଟି ସୁଯୋଗ ମଧ୍ୟରୁ ଶ୍ରେଷ୍ଠ ସୁଯୋଗପାଇଁ ନମ୍ବର ଦିଆଯିବ)

୩ଥରରେ ୩.୬୬ମିଟର ଲମ୍ବଡିଆଁ ଡେଇଁନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୫) **ସାଇକେଲ୍ ଚାଳନା** ୧.୬ କି.ମି. ୨ ମିନିଟ୍ ୩୦ ସେକେଣ୍ଡ ୫ ନମ୍ବର

୩ ମିନିଟ୍ ୩୦ ସେକେଣ୍ଡ ୩ ନମ୍ବର

୪ ମିନିଟ୍ ୩୦ ସେକେଣ୍ଡ ୧ ନମ୍ବର

୪ ମିନିଟ୍ ୩୦ ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୬) **ସନ୍ତରଣ** ୧୦୦ ମିଟର ୨୦ ମିନିଟ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)

୨୦ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୭) **ରଶି ଚଢିବା** ୬ ମିଟର ଉଚ୍ଚତା ପ୍ରଥମ ସୁଯୋଗ ୫ ନମ୍ବର

(କେବଳ ହାତ ବ୍ୟବହାର ହେବ) ଦ୍ୱିତୀୟ ସୁଯୋଗ ୩ ନମ୍ବର

ତୃତୀୟ ସୁଯୋଗ ୧ ନମ୍ବର

୩ଟି ସୁଯୋଗ ମଧ୍ୟରେ ୬ ମିଟର ରଶି ଚଢିବାରେ ସଫଳ ହୋଇନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବେ।

**(ଗ) ଗାଡି ଚାଳନା ପରୀକ୍ଷା**

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍ ରେ ୧ ବର୍ଷର ହାଲୁକା କିମ୍ବା ଭାରୀ ଯାନ ଚାଳନା ନିମନ୍ତେ ଲାଇସେନ୍ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି, କେବଳ ସେହିମାନେ ଗାଡିଚାଳନା ପରୀକ୍ଷାରେ ଭାଗନେଇ ପାରିବେ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ।

(୧) ଭାରୀଯାନ ଚାଳନା ଲାଇସେନ୍ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - ୫ ନମ୍ବର

(୨) ହାଲୁକାଯାନ ଚାଳନା ଲାଇସେନ୍ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - ୩ ନମ୍ବର

ଏହି ପରୀକ୍ଷାରେ ଭାଗ ନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ନିମନ୍ତେ ଦାଖଲ କରିବେ।

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡି ଚଳାଇବା, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ।

**(ଘ)** ଶାରୀରିକ ମାପ (ଉଚ୍ଚତା), ଶାରୀରିକ ଦକ୍ଷତା ପରୀକ୍ଷା ଓ ଗାଡିଚାଳନା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ମୋଟ ନମ୍ବରର ଶତକଡା ୫୦ ଭାଗ ନମ୍ବର ରଖିଥିବା ଅସଂରକ୍ଷିତ ଓ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗର ପ୍ରାର୍ଥୀ ଓ ଶତକଡା ୪୫ ଭାଗ ନମ୍ବର ରଖିଥିବା ଅନୁସୂଚିତ ଜାତି ଓ ଉପଜାତିର ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପରୀକ୍ଷା ଗୁଡିକରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ଦିଆଯିବ। ଯଦି ଏହି ପ୍ରକ୍ରିୟାରେ କୌଣସି ନିର୍ଦ୍ଦିଷ୍ଟବର୍ଗ ପାଇଁ ଉଦ୍ଦିଷ୍ଟ ପଦବୀର ପାଞ୍ଚଗୁଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ନହୁଅନ୍ତି, ତେବେ ଉପରଲିଖିତ ଶତକଡା ହାର ନିୟମାନୁଯାୟୀ କୋହଳ କରାଯାଇପାରେ।

**(ଙ) ଶିକ୍ଷାଗତ ଯୋଗ୍ୟତା ୫ ନମ୍ବର**

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ରଖିଥିବା ଡିଭିଜନକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ।

(୧) ପ୍ରଥମ ଡିଭିଜନ - ୫ ନମ୍ବର

(୨) ଦ୍ୱିତୀୟ ଡିଭିଜନ - ୩ ନମ୍ବର

(୩) ତୃତୀୟ ଡିଭିଜନ - ୨ ନମ୍ବର

(୪) କମ୍ପାର୍ଟମେଣ୍ଟାଲ୍ - ୦ ନମ୍ବର

**<u>ଦ୍ରଷ୍ଟବ୍ୟ</u>** : ଉଚ୍ଚତର ଶିକ୍ଷା ନିମନ୍ତେ କୌଣସି ନମ୍ବର ଦିଆଯିବ ନାହିଁ।

**(ଚ) କ୍ରୀଡା - ମୋଟ ନମ୍ବର ୧୫**

କେବଳ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ।

୧. ଆଥ୍ଲେଟିକ୍ସ୍
୨. ଆର୍ଚ୍ଚରି
୩. ବ୍ୟାଡମିଣ୍ଟନ
୪. ବାସ୍କେଟବଲ
୫. ବଡି ବିଲ୍ଡିଂ
୬. ବକ୍ସିଂ
୭. କ୍ରିକେଟ୍
୮. ସାଇକ୍ଲିଙ୍ଗ
୯. ଇକ୍ୱିଷ୍ଟ୍ରିଆନ
୧୦. ଫୁଟବଲ୍
୧୧. ଜିମନାଷ୍ଟିକ୍ସ
୧୨. ହକି
୧୩. ଜୁଡୋ
୧୪. କବାଡି
୧୫. କରାଟେ ଡୋ
୧୬. କାୟାକିଂ ଓ କ୍ୟାନୋଇଂ
୧୭. ଲନ୍ ଟେନିସ୍
୧୮. ପାଉଆର୍ ଲିଫ୍ଟିଂ
୧୯. ରୋଇଙ୍ଗ୍
୨୦. ସୁଟିଂ
୨୧. ସୁଇମିଙ୍ଗ୍
୨୨. ଟେବୁଲ ଟେନିସ୍
୨୩. ତାଇକୋଣ୍ଡୋ
୨୪. ଭଲିବଲ୍
୨୫. ଉଏଟ୍ ଲିଫ୍ଟିଂ
୨୬. ରେସ୍ଲିଙ୍ଗ

(୧) ଓପନ୍ ଷ୍ଟେଟ୍ ଚାମ୍ପିଆନ୍‌ସିପ୍ ରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୫ ନମ୍ବର |
| ସିଲଭର୍ ମେଡାଲ୍ ପାଇଁ | - | ୩ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୨ ନମ୍ବର |

(୨) ଓପନ୍ ଜାତୀୟ୍ ଚାମ୍ପିଆନ୍‌ସିପ୍ ରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲଭର୍ ମେଡାଲ୍ ପାଇଁ | - | ୭ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

(୩) ଆନ୍ତର୍ଜାତୀୟ୍ କ୍ରୀଡାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ - ୧୦ ନମ୍ବର

(୪) ଆନ୍ତର୍ଜାତୀୟ୍ କ୍ରୀଡାରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲଭର୍ ମେଡାଲ୍ ପାଇଁ | - | ୧୨ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୦ ନମ୍ବର |

**ଦ୍ରଷ୍ଟବ୍ୟ:(୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟପାଇଁ ନମ୍ବର ଦିଆଯିବ।**

**(୨) ସବ୍-ଜୁନିୟ୍ର ଚାମ୍ପିଆନସିପ୍ ପାଇଁ କୌଣସି ନମ୍ବର ଦିଆଯିବ ନାହିଁ।**

**(୩) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ୍ ଓ ତୃତୀୟ୍ ସ୍ଥାନ ଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲ୍‌ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ।**

**(୪) କ୍ରୀଡା ସାର୍ଟିଫିକେଟର ବୈଧତା ଓ ଆନୁସଂଗିକ ନିୟ୍ମାବଳୀ ନିମନ୍ତେ ଘରୋଇ ବିଭାଗ Resolution No.45054/D&A dt.24.10.2006 ଦ୍ରଷ୍ଟବ୍ୟ।**

**(ଛ) ଏନ୍.ସି.ସି. ସାର୍ଟିଫିକେଟ୍ - ମୋଟ ନମ୍ବର ୯**

| | | |
|---|---|---|
| ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ | - | ୫ ନମ୍ବର |
| ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ | - | ୭ ନମ୍ବର |
| ଏନ୍.ସି.ସି. 'C' ସାର୍ଟିଫିକେଟ୍ ପାଇଁ | - | ୯ ନମ୍ବର |

**(ଜ) ବ୍ୟକ୍ତିତ୍ୱ ପରୀକ୍ଷା - ମୋଟ ନମ୍ବର ୩**

**(୯)** ପ୍ରାର୍ଥୀ (ଅନୁସୂଚିତ ଜାତି ଓ ଉପଜାତି ବ୍ୟତୀତ) ନିଜର ଦରଖାସ୍ତ ସହ ମୂଳ ଟ୍ରେଜେରୀ ଚାଲାଣ/ ବ୍ୟାଙ୍କ ଡ୍ରାଫ୍ଟ/ ପୋଷ୍ଟାଲ୍ ଅର୍ଡର ଦାଖଲ କରିବେ। ଏହାଛଡା ପ୍ରାର୍ଥୀ ଦରଖାସ୍ତ ସହିତ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ଜେରକ୍ସ୍ ନକଲ ଦାଖଲ କରିବେ। ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ। ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ଜେରକ୍ସ୍ ନକଲ ଉକ୍ତ ପ୍ରମାଣପତ୍ର ସଂପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୁଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ।

୧. ଶିକ୍ଷା ଓ ବୟ୍ସ ସମ୍ବନ୍ଧୀୟ୍ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ ଓ ଅନ୍ୟାନ୍ୟ)

୨. ଜାତିଗତ ପ୍ରମାଣପତ୍ର (କେବଳ ତଫସଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)

୩. ନାମ ପଞ୍ଜିକରଣ ପ୍ରମାଣପତ୍ର
୪. କ୍ରୀଡା ପ୍ରମାଣପତ୍ର (କ୍ରୀଡାବିତଙ୍କ ପାଇଁ)
୫. ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ)
୬. ଗାଡିଚାଳନା ଲାଇସେନ୍ସ (ଗାଡିଚାଳନା ଅଭିଜ୍ଞତା ଥିଲେ)
୭. ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)
୮. ଚାରୋଟି (୪) ପାସପୋର୍ଟ ସାଇଜର ରଙ୍ଗିନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ଫଟୋଗ୍ରାଫ ସହିତ)

## ୧୧. କିପରି ଆବେଦନ କରିବେ

ଯେଉଁ ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ୨ୟ ଇଣ୍ଡିଆ ରିଜର୍ଭ ବାଟାଲିୟନରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସେମାନେ ଦରଖାସ୍ତ ଫର୍ମ (ବିଜ୍ଞାପନ ମାଧ୍ୟମରେ ପ୍ରକାଶିତ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଅନୁଯାୟୀ) ପୂରଣକରି ଆବଶ୍ୟକ ଟ୍ରେଜେରୀ ଚାଲାଣ/ ବ୍ୟାଙ୍କ ଡ୍ରାଫ୍ଟ/ ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୨ୟ ବାଟାଲିୟନ, ଝାରସୁଗୁଡାଙ୍କ ନିକଟକୁ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ଦାଖଲ ନିମନ୍ତେ ସଂପୃକ୍ତ ବାଟାଲିୟନ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ବାକ୍ସରେ ପକାଇବେ। ସେହିପରି ଯେଉଁ ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ୩ୟ ଇଣ୍ଡିଆ ରିଜର୍ଭ ବାଟାଲିୟନରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସେମାନେ ଦରଖାସ୍ତ ଫର୍ମ (ବିଜ୍ଞାପନ ମାଧ୍ୟମରେ ପ୍ରକାଶିତ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଅନୁଯାୟୀ) ପୂରଣକରି ଆବଶ୍ୟକ ଟ୍ରେଜେରୀ ଚାଲାଣ/ ବ୍ୟାଙ୍କ ଡ୍ରାଫ୍ଟ/ ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୩ୟ ବାଟାଲିୟନ, କୋରାପୁଟଙ୍କ ନିକଟକୁ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ଦାଖଲ ନିମନ୍ତେ ସଂପୃକ୍ତ ବାଟାଲିୟନ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ବାକ୍ସରେ ପକାଇବେ।

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ସେମାନେ ଆବେଦନ କରିବା ପୂର୍ବରୁ କନେଷ୍ଟବଳ ପଦବୀ ନିମନ୍ତେ ସେମାନଙ୍କର ଆବଶ୍ୟକ ଯୋଗ୍ୟତା ଅଛି କି ନାହିଁ, ସେ ବିଷୟରେ ନିଶ୍ଚିତ ହୋଇ ଆବେଦନ କରିବେ।

## ପ୍ରାର୍ଥୀମାନେ ନିମ୍ନଲିଖିତ ବିଷୟରେ ବିଶେଷ ଧ୍ୟାନ ଦେବେ

**୧.** ଦରଖାସ୍ତ ଫର୍ମର ଉପରଭାଗରେ ଫଟୋ ପାଇଁ ଥିବା ସ୍ଥାନରେ ଫଟୋ ଲଗାଇବେ ଓ ଫଟୋ ଉପରେ ସମ୍ପୂର୍ଣ୍ଣ ସ୍ୱାକ୍ଷର କରିବେ। ଅନ୍ୟ ତିନୋଟି ଫଟୋଗୁଡିକର ପଛପଟରେ ପ୍ରାର୍ଥୀ ସମ୍ପୂର୍ଣ୍ଣ ସ୍ୱାକ୍ଷର ସହ ତାରିଖ ପ୍ରଦାନ କରିବେ।

**୨.** ପ୍ରତ୍ୟେକ ସଂଲଗ୍ନ ପ୍ରମାଣପତ୍ର ଉପରେ ପ୍ରାର୍ଥୀ ସମ୍ପୂର୍ଣ୍ଣ ସ୍ୱାକ୍ଷର ସହ ତାରିଖ ପ୍ରଦାନ କରିବେ।

**୩.** ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣ ଓଡିଆରେ ପୂରଣ କରିବେ ଏବଂ ଓଡିଆରେ ସମ୍ପୂର୍ଣ୍ଣ ସ୍ୱାକ୍ଷର କରିବେ। ଦରଖାସ୍ତ ଫର୍ମର କୌଣସି ସ୍ତମ୍ଭ ଛାଡିବେ ନାହିଁ କିମ୍ବା ଛକି ମାରିବେ ନାହିଁ। ଯେଉଁ ସ୍ତମ୍ଭ ସଂପୃକ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ସେଠାରେ "**ଅନାବଶ୍ୟକ**" ବୋଲି ଲେଖିବେ।

**୪.** ସର୍ବପ୍ରଥମ ସମ୍ବାଦପତ୍ର ବା ନିଯୁକ୍ତି ସୂଚନାରେ ଇଣ୍ଡିଆ ରିଜର୍ଭ ବାଟାଲିୟନ କନେଷ୍ଟବଳ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ପ୍ରାର୍ଥୀମାନଙ୍କ ନାମ କର୍ମଯୋଗାଣ କେନ୍ଦ୍ରମାନଙ୍କରେ ପଞ୍ଜିକରଣ ହୋଇଥିବା ଆବଶ୍ୟକ ଏବଂ ଏହାକୁ ମୂଳ ତାରିଖ ବୋଲି ଧରାଯିବ। ଦରଖାସ୍ତ ଦାଖଲ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କର ନାମ ପଞ୍ଜିକରଣ ବୈଧ ଥିବା ଆବଶ୍ୟକ।

**୫.** ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ ପାଇଁ ଶାରୀରିକ ପରୀକ୍ଷାରେ କୌଣସି ରିହାତି ପ୍ରଦାନ କରାଯିବ ନାହିଁ।

**୬.** ମାଧ୍ୟମିକ ଶିକ୍ଷା ବୋର୍ଡ ବ୍ୟତୀତ ପ୍ରାର୍ଥୀ ଯଦି ଅନ୍ୟ କୌଣସି ବୋର୍ଡ ବା ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି, ତେବେ ସେମାନେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡଙ୍କ ଠାରୁ ସମତୁଲ୍ୟ ସାର୍ଟିଫିକେଟ (Equivalence Certificate) ର ନକଲ ସଂଲଗ୍ନ କରିବେ।

**୭.** ଯେଉଁ ପ୍ରାର୍ଥୀମାନେ ପୋଷ୍ଟାଲ ଅର୍ଡର ମାଧ୍ୟମରେ ପରୀକ୍ଷା ଫିସ୍ ଦାଖଲ କରିବେ, ସେମାନେ ପୋଷ୍ଟାଲ ଅର୍ଡରରେ ଦିଆଯାଇଥିବା ସ୍ଥାନ ଗୁଡିକ ସଠିକ ରୂପେ ପୂରଣ କରିବେ।

**୮.** କ୍ରୀଡାବିତ ମାନେ ସଂଲଗ୍ନ କରିଥିବା କ୍ରୀଡା ସାର୍ଟିଫିକେଟର ବୈଧତା ପ୍ରମାଣିତ ହେବାପରେ ସେମାନଙ୍କୁ ସାର୍ଟିଫିକେଟର ମାନ୍ୟତା ଅନୁଯାୟୀ ନମ୍ବର ଦିଆଯିବ। ଏତଦ୍ ବ୍ୟତୀତ କ୍ରୀଡା କ୍ଷେତ୍ରରେ ନମ୍ବର ପାଇବା ପୂର୍ବରୁ ଯଦି ପ୍ରାର୍ଥୀ ଉତ୍ତୀର୍ଣ୍ଣ ତାଲିକାଭୁକ୍ତ ହୋଇଥାନ୍ତି, ତେବେ ତାଙ୍କୁ ନିଯୁକ୍ତି ଦିଆଯିବ ଏବଂ ପରେ କ୍ରୀଡା ସାର୍ଟିଫିକେଟର ବୈଧତା ପ୍ରମାଣିତ ହେଲେ, ପ୍ରାର୍ଥୀଙ୍କୁ ଯଥୋଚିତ ନମ୍ବର ଦିଆଯିବ ଏବଂ ଉତ୍ତୀର୍ଣ୍ଣ ତାଲିକାରେ ତାଙ୍କୁ ନମ୍ବର ଭିତ୍ତିରେ ସ୍ଥାନ ଦିଆଯିବ।

**୯.** ଅସଂପୂର୍ଣ୍ଣ ଦରଖାସ୍ତ ଏବଂ ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ, ଏହା ପ୍ରାର୍ଥୀଙ୍କୁ ଫେରସ୍ତ ଦିଆଯିବ ନାହିଁ କିମ୍ବା ପ୍ରାର୍ଥୀଙ୍କ ସହିତ କୌଣସି ଯୋଗାଯୋଗ କରାଯିବ ନାହିଁ।

**ବି.ଦ୍ର.** ଉପରୋକ୍ତ ନିଯୁକ୍ତି ବିଜ୍ଞାପନ ସମ୍ପର୍କରେ ବିଶଦ୍ ବିବରଣୀ,
ଓଡିଶା ସରକାରଙ୍କ Website : http://orissa.gov.in/advt/advt.htm
ଏବଂ ଓଡିଶା ପୋଲିସ Website : http://orissapolice.nic.in/advertisement.htm ରେ ଉପଲବ୍ଧ।

...

ପ୍ରାର୍ଥୀ ନିଜଦ୍ୱାରା
ଅନୁପ୍ରମାଣିତ
(self attested)
ଗୋଟିଏ ରଙ୍ଗିନ
ପାସପୋର୍ଟ ସାଇଜର
ଫଟୋଗ୍ରାଫ ଏଠାରେ
ଲଗାଇବେ

# କନେଷ୍ଟବଲ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଫର୍ମ

୧. ପ୍ରାର୍ଥୀଙ୍କ ନାମ :

୨. ପିତାଙ୍କ ନାମ :

୩. ବର୍ତ୍ତମାନ ଠିକଣା (ପତ୍ରାଳାପ ପାଇଁ) :

୪. ସମ୍ପୂର୍ଣ୍ଣ ସ୍ଥାୟୀ ଠିକଣା :

୫. ଜନ୍ମ ତାରିଖ
(ହାଇସ୍କୁଲ ସାର୍ଟିଫିକେଟ ଅନୁସାରେ) :

୬. ତା-୧-୧-୨୦୦୭ ରିଖ ସୁଦ୍ଧା ବୟସ ................. ବର୍ଷ ...................... ମାସ ....................... ଦିନ

୭. ଶିକ୍ଷାଗତ ଯୋଗ୍ୟତା :
( ଏଥିପାଇଁ ପ୍ରମାଣପତ୍ର ଗୁଡିକର ପ୍ରାର୍ଥୀଙ୍କ
ଦ୍ୱାରା ଅନୁପ୍ରମାଣିତ (Self attested) ଜେରକ୍ସ ନକଲ ସଂଲଗ୍ନ କରାଯିବ)

| ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର ନାମ (ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ଅନ୍ୟାନ୍ୟ | ଉତ୍ତୀର୍ଣ୍ଣ ବର୍ଷ | ବୋର୍ଡ/ ବିଶ୍ୱବିଦ୍ୟାଳୟ | ଡିଭିଜନ | ରଖିଥିବା ଶତକଡା ନମ୍ବର |
|---|---|---|---|---|
| | | | | |
| | | | | |
| | | | | |
| | | | | |

୮. ପ୍ରାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ନାମ ଓ ଠିକଣା :

୯. ପ୍ରାର୍ଥୀ ଓଡିଆ ଏକ ବିଷୟ ଥାଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି କି? କିମ୍ବା, ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି କି? :

୧୦. ପ୍ରାର୍ଥୀଙ୍କର ଅନ୍ତତଃ ଏକବର୍ଷର ବୈଧ ଗାଡିଚାଳନା (ଶିକ୍ଷଣ ସମୟ ବ୍ୟତୀତ) ଲାଇସେନ୍‌ସ (Valid Driving Licence) ଅଛି କି? (ଗାଡିଚାଳନା ଅଭିଜ୍ଞତା ଥିଲେ), ଯଦି ହଁ :

(କ) ଲାଇସେନ୍‌ସ ନମ୍ବର ଓ ତାରିଖ :

(ଖ) ଲାଇସେନ୍‌ସ ଜାରି କରିଥିବା କାର୍ଯାଳୟର ନାମ ଓ ଠିକଣା :

(ଗ) ଏହି ଲାଇସେନ୍‌ସ ଭାରୀଯାନ କିମ୍ବା ହାଲୁକା ଯାନ ପାଇଁ ଉଦ୍ଦିଷ୍ଟ? :

(ଲାଇସେନ୍‌ସର ନିଜଦ୍ୱାରା ଅନୁପ୍ରମାଣିତ (Self attested) ନକଲ ସଂଲଗ୍ନ କରିବେ)

୧୧. ଧର୍ମ :

୧୨. ଜାତୀୟତା :

୧୩. ବର୍ଗ :

(ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ/ ଅସଂରକ୍ଷିତ ବର୍ଗ/ ଅବସରପ୍ରାପ୍ତ ସାମରିକ କର୍ମଚାରୀ/ କ୍ରୀଡାବିତ୍ ( ପ୍ରାର୍ଥୀ ଏକାଧିକ ବର୍ଗର ଅନ୍ତର୍ଭୁକ୍ତ ହୋଇଥିଲେ ତାହା ଉଲ୍ଲେଖ କରିବେ ଓ ତତ୍ ସମ୍ପର୍କୀୟ ପ୍ରମାଣପତ୍ର ଗୁଡିକର ନିଜଦ୍ୱାରା ଅନୁପ୍ରମାଣିତ (Self attested) ନକଲ ସଂଲଗ୍ନ କରିବେ)

୧୪. (କ) ବିବାହିତ/ଅବିବାହିତ :

(ଖ) ଯଦି ବିବାହିତ, ଜୀବିତ ସ୍ତ୍ରୀଙ୍କ ସଂଖ୍ୟା :

୧୫. ନାମ ପଞ୍ଜିକରଣ ନମ୍ବର, ତାରିଖ ଓ କର୍ମଯୋଗାଣ କେନ୍ଦ୍ରର ନାମ :

୧୬. ଟ୍ରେଜେରୀ ଚାଲାଣ/ବ୍ୟାଙ୍କଡ୍ରାଫ୍ଟ/ପୋଷ୍ଟାଲ ଅର୍ଡରର ପରିମାଣ, ନମ୍ବର ଓ ତାରିଖ :

୧୭. ପ୍ରାର୍ଥୀ ଜଣେ କ୍ରୀଡାବିତ୍ ଅଟନ୍ତି କି ? :
ଯଦି କ୍ରୀଡାବିତ୍ ହୋଇଥାନ୍ତି
(କେବଳ ଗୋଟିଏ କ୍ରୀଡା ଇଭେଣ୍ଟ ସମ୍ବନ୍ଧରେ ସୂଚନା ଦେବେ)

(କ) ଅଂଶଗ୍ରହଣ କରିଥିବା କ୍ରୀଡାର ନାମ :

(ଖ) କେଉଁସ୍ତରୀୟ କ୍ରୀଡା :
(ରାଜ୍ୟସ୍ତରୀୟ/ଜାତୀୟସ୍ତରୀୟ/ଆନ୍ତର୍ଜାତୀୟ)

(ଗ) ପାଇଥିବା ପଦକ (ସ୍ୱର୍ଣ୍ଣ/ରୌପ୍ୟ/କାଂସ୍ୟ) :

ପୁରସ୍କାର (ପ୍ରଥମ/ଦ୍ୱିତୀୟ/ତୃତୀୟ) :

୧୮. ପ୍ରାର୍ଥୀ ଏନ୍.ସି.ସି. ସାର୍ଟିଫିକେଟ ପ୍ରାପ୍ତ କି? :
ଯଦି ଏନ୍.ସି.ସି. ସାର୍ଟିଫିକେଟ ପ୍ରାପ୍ତ ହୋଇଥାନ୍ତି,

(କ) ସେ କେଉଁ ସାର୍ଟିଫିକେଟର ଅଧିକାରୀ (ଏ/ବି/ସି) :

୧୯. ପ୍ରାର୍ଥୀ କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ କି? :

ଯଦି କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ କିମ୍ବା ଦଣ୍ଡିତ ହୋଇଥାନ୍ତି, ତାହେଲେ ତତ୍ ସମ୍ପର୍କୀୟ ବିଶଦ୍ ବିବରଣୀ :

୨୦. ସଂଲଗ୍ନ କରାଯାଇଥିବା ପ୍ରମାଣପତ୍ର ଗୁଡିକର ନକଲର ତାଲିକା :
(ପ୍ରତ୍ୟେକ ପ୍ରମାଣପତ୍ରର ନକଲ ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ)

**<u>ଘୋଷଣା</u>**

ମୁଁ ଶ୍ରୀ ............................................................... ପିତା ..................................................................... ଏତଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ତଥ୍ୟ ଗୁଡିକ ସମ୍ପୂର୍ଣ୍ଣ ସତ୍ୟ ଅଟେ। ଏଥି ମଧ୍ୟରୁ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ ମୋର ପ୍ରାର୍ଥୀତ୍ୱ ଅସିଦ୍ଧ ବିବେଚିତ ହେବ।

**ସ୍ଥାନ**

**ତାରିଖ** **ପ୍ରାର୍ଥୀଙ୍କ ସ୍ୱାକ୍ଷର**

---

**କନେଷ୍ଟବଳ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିବାପାଇଁ ଘୋଷଣାନାମା**

ମୁଁ ନିମ୍ନ ସ୍ୱାକ୍ଷରକାରୀ ଶ୍ରୀ.................................................................................................................. ପିତା .......................................................................................... ଗ୍ରାମ ...................................................... ପୋ.ଅ.......................................... ଥାନା ................................. ଜିଲ୍ଲା .............................. ଏତଦ୍ୱାରା ଘୋଷଣା କରୁଅଛି କି କନେଷ୍ଟବଳ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ମୁଁ ସମ୍ପୂର୍ଣ୍ଣ ସକ୍ଷମ ଓ ସୁସ୍ଥ। ପରୀକ୍ଷା ଦେବା ସମୟରେ ମୁଁ କୌଣସି ଶାରୀରିକ ଆଘାତପ୍ରାପ୍ତ ହେଲେ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲେ ସେଥିପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ

**ସ୍ଥାନ**

**ତାରିଖ** **ପ୍ରାର୍ଥୀଙ୍କ ସ୍ୱାକ୍ଷର**